# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 October – 2026

**********************************

## ମୁଖ୍ୟ ସମ୍ବାଦ

- ସମାଜର ପ୍ରତ୍ୟେକ ବର୍ଗଙ୍କୁ ସୁରକ୍ଷା ଓ ସମ୍ମାନର ସହ ପକ୍କାଘର ଯୋଗାଇ ଦେବାକୁ ସରକାର ପ୍ରତିବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ରାଜ୍ୟ କ୍ୟାବିନେଟ୍ ବୈଠକ
- କଟକ ବାଲିଯାତ୍ରାକୁ ପରିବେଶ ଅନୁକୂଳ କରିବା ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ

ଏବଂ

- ନବରାତ୍ରର ତୃତୀୟ ଦିନରେ ଆଜି ପୂଜା ପାଉଛନ୍ତି ମା' ଚନ୍ଦ୍ରଘଣ୍ଟା

– ଦୁର୍ଗାପୂଜା ପାଇଁ ଭୁବନେଶ୍ୱରରେ ଆସନ୍ତା ଶୁକ୍ରବାରରୁ ଟ୍ରାଫିକ କଟକଣା

Desk

## ମୁଖ୍ୟମନ୍ତ୍ରୀ

ସମାଜର ପ୍ରତ୍ୟେକ ବର୍ଗଙ୍କୁ ସୁରକ୍ଷା ଓ ସମ୍ମାନର ସହ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଘାଟିକିଆରେ ଆଜି ସୁଲଭ ଆବାସିକ ପ୍ରକଳ୍ପର ଲୋକାର୍ପଣ ଅବସରରେ ଶ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ରାଜ୍ୟରେ ୨ ଲକ୍ଷରୁ ଅଧିକ ପକ୍କାଘର ମଞ୍ଜୁର ହୋଇଥିବାବେଳେ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ୫ ଲକ୍ଷ ଘର ଯୋଗାଇ ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋଟ ୧ ହଜାର ୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡ଼ିଆକୁ ଲୋକାର୍ପିତ କରିଛନ୍ତି। ଏହା ସହ ବୁଦ୍ଧବିହର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀ ଅଞ୍ଚଳରେ ୯୬୨ଟି ପରିବାରକୁ ଗୃହ ପ୍ରବେଶ କରାଯାଇଛି।

BBSR/R

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଜାରି ରହିଛି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି।

Desk

# ଏମ୍‌ଡିଆର

ଦୀପାବଳି ପରେ ବ୍ୟବସାୟିକ ନେଣଦେଣ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ବ୍ୟବସାୟୀଙ୍କ ଆର୍ଥିକ କାରବାର ମଧ୍ୟରେ ୟୁପିଆଇ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍-ଏମ୍‌ଡିଆର୍ ଲାଗୁ ହେବ । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନ୍ୟାଶନାଲ୍ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ-ଏମ୍‌ପିସିଆଇ ପକ୍ଷରୁ କୁହାଯାଇଛି । ଏମ୍‌ଡିଆର ଶୁଳ୍କ କେବଳ ୨ହଜାର ଟଙ୍କାରୁ ଅଧିକ କାରବାର ଉପରେ ଶୂନ୍ ଦଶମିକ ୪ ପ୍ରତିଶତ ଏବଂ ୭୫ ହଜାରରୁ ଊର୍ଦ୍ଧ୍ୱ କାରବାର ଉପରେ ସର୍ବାଧିକ ୩୦୦ ଟଙ୍କା ଲାଗୁ ନେଇ ନିୟମରେ ବ୍ୟବସ୍ଥା ରହିଛି ।

Desk

# ଲିଭରଜିଙ୍ଗ୍ ଏଫ୍.ଟି.ଏସ୍.– ଆଉଟରିଚ୍ ପ୍ରୋଗ୍ରାମ

ରାଜ୍ୟର ବାଣିଜ୍ୟ, ଶିଳ୍ପ ଓ କ୍ଷୁଦ୍ର ଉଦ୍ୟୋଗର ବିକାଶ ଏବଂ ରପ୍ତାନୀ ବୃଦ୍ଧି ଲକ୍ଷ୍ୟରେ ଭୁବନେଶ୍ୱରଠାରେ ଲିଭରଜିଙ୍ଗ୍ ଏଫ୍.ଟି.ଏସ୍.– ଆଉଟରିଚ୍ ପ୍ରୋଗ୍ରାମ ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ମୁକ୍ତ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ରାଜ୍ୟର ଉତ୍ପାଦକୁ ବିଶ୍ୱବଜାରରେ ପହଁଞ୍ଚାଇବା ଏବଂ ଉଦ୍ୟୋଗୀଙ୍କ ପାଇଁ ନୂଆ ବ୍ୟବସାୟିକ ସୁଯୋଗ ସୃଷ୍ଟି ଉପରେ ଆଲୋଚନା

କରିଛନ୍ତି । ଶ୍ରୀ ସ୍ୱାଇଁ କହିଛନ୍ତି, ଉଦ୍ୟୋଗୀମାନଙ୍କୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ପକ୍ଷରୁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି । ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ସୁଦୃଢ଼ କରିବା ଓ ବ୍ୟବସାୟୀଙ୍କ ଆୟକୁ ଦ୍ୱିଗଣିତ କରିବା ଏହି କର୍ମଶାଳାର ମୁଖ୍ୟଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

**- V/O –**

Desk

# ନିର୍ଭର ପଦକ୍ଷେପ

ମହିଳା ଓ ବାଳିକାଙ୍କ ପାଇଁ ସୁରକ୍ଷିତ, ସମାବେଶୀ, ଭୟମୁକ୍ତ ସହର ଗଠନ ଲକ୍ଷ୍ୟରେ ନିର୍ଭୟ ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୋଟ ୧୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ୯ଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି । ଏଥିରେ ମହିଳା ପୁଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମ ସାମିଲ ରହିଛି । ୮୦୦ଟି ସିସିଟିଭି କ୍ୟାମେରା, ୧୫ଟି ଜରୁରୀକାଳୀନ ଯାନ ଓ ୪୦ଟି ଇ-ରିକ୍ସା, ଶକ୍ତି ସାରଥୀ ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୁଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ, ତ୍ୱରିତ ସହାୟତା ପ୍ରଦାନ ନେଇ ପ୍ରସ୍ତାବ ରହିଛି । ଅଭିଯାନରେ କିଶୋର ବାଳକଙ୍କୁ ସାମିଲ କରି ମହିଳାଙ୍କ ପ୍ରତି ସମ୍ମାନଜନକ ଆଚରଣ,

ଲିଙ୍ଗଗତ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ।

I&PR

## ଓ୍ୱିଣ୍ଡର୍ଜି ଇଣ୍ଡିଆ ପୁରସ୍କାର

ଓଡ଼ିଶାର ସ୍ୱଚ୍ଛ ଶକ୍ତି ଅଭିଯାନ ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ବିପୁଳ ସଫଳତା ସ୍ୱରୂପ ରାଜ୍ୟକୁ ସମ୍ମାନଜନକ 'ଓ୍ୱିଣ୍ଡ୍ ଇଣ୍ଡିଆ-୨୦୨୬ : ଲିଡର୍ସସିପ୍ ଇନ୍ ଓ୍ୱିଣ୍ଡ୍ ଏନର୍ଜି ଦ ରିଙ୍କିଂ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଚେନ୍ନାଇରେ ଆୟୋଜିତ ସମ୍ମିଳନୀରେ ମିଳିଥିବା ଏହି ପୁରସ୍କାରକୁ ବିଭାଗୀୟ ସଚିବ ବିଶାଳ କୁମାର ଦେବ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଆନୁଷ୍ଠାନିକ ଭାବେ ଅର୍ପଣ କରିଛନ୍ତି। ଏହି ସଫଳତା ପାଇଁ ଉପମୁଖ୍ୟମନ୍ତ୍ରୀ ବିଭାଗ ଓ ସମ୍ପୃକ୍ତ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ସମ୍ମାନ ଓଡ଼ିଶା ଅକ୍ଷୟଶକ୍ତି ନୀତି ଅଧୀନରେ ରାଜ୍ୟରେ ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଓ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ସଂକଳ୍ପ ଓ ନିରବଚ୍ଛିନ୍ନ ପ୍ରଚେଷ୍ଟାର ପ୍ରତିଫଳନ।

Kataka

## ବାଲିଯାତ୍ରା-୨୦୨୬

କଟକ ବାଲିଯାତ୍ରା-୨୦୨୬କୁ ପରିବେଶ ଅନୁକୂଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ବାଲିଯାତ୍ରାରେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ହ୍ରାସ ଏବଂ ସ୍ୱଚ୍ଛତାକୁ ପ୍ରାଥମିକତା ଦେଇ ଏକ ପରିବେଶ ଅନୁକୂଳ ବାଲିଯାତ୍ରା ଆୟୋଜନ

କରିବା ପାଇଁ ଜିଲ୍ଲା ପ୍ରଶାସନ 'ଓରମାସ୍' ଏବଂ ମୟୂରଭଞ୍ଜ ମଧ୍ୟରେ ପତ୍ରଖଲି ଓ ଅନ୍ୟାନ୍ୟ ପରିବେଶ ଅନୁକୂଳ ଏକକ ବ୍ୟବହାର ଯୋଗ୍ୟ ଖାଦ୍ୟ ପରିବେଷଣ ସାମଗ୍ରୀର ଉତ୍ପାଦନ, ଉପଲବ୍ଧତା ଓ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ବୁଝାମଣା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଗୋଷ୍ଠୀଭିତ୍ତିକ ସଂଗଠନ– ସି.ବି.ଓ.ଙ୍କ ଦ୍ୱାରା ପ୍ରସ୍ତୁତ ଶାଳପତ୍ରରେ ତିଆରି ଖଲି, ଦନା, ଥାଳି, ଟିଫିନ ପ୍ଲେଟ, ଦହିବରା ଦନା, ଗୁପ୍‌ଚୁପ୍ ଗିନା ଓ ଅନ୍ୟାନ୍ୟ ଖାଦ୍ୟ ପରିବେଷଣ ସାମଗ୍ରୀ ବାଲିଯାତ୍ରା ସମୟରେ ଉପଲବ୍ଧ କରାଯିବ। ଏଥିପାଇଁ ସମ୍ପୃକ୍ତ ସଂଗଠନଗୁଡ଼ିକୁ ଦିଆଯାଇଥିବା ଷ୍ଟଲ୍‌ରେ ସେମାନେ ନିଜର ଉତ୍ପାଦର ପ୍ରଦର୍ଶନ, ପ୍ରଚାର ଓ ସିଧାସଳଖ ବିକ୍ରୟ କରିପାରିବେ।

ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ-୨୦୨୬ ଆୟୋଜିତ ହେବ। ଏହି ସାଂସ୍କୃତିକ ମହୋତ୍ସବରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ପାରମ୍ପରିକ ସାଂସ୍କୃତିକ ଉତ୍ସବକୁ ପ୍ଲାଷ୍ଟିକ ବର୍ଜ୍ୟ ହ୍ରାସ ଓ ସ୍ଥାୟୀ ଜୀବନଶୈଳୀ ଆପଣାଇବାର ଏକ ଜନଆନ୍ଦୋଳନରେ ପରିଣତ କରିବା ଏହି ଉଦ୍ୟମର ମୁଖ୍ୟଲକ୍ଷ୍ୟ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବା ଡଙ୍ଗା ଭସାଇବାବେଳେ ମହାନଦୀର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଫୋମ୍ ଓ ସୋଲ ନିର୍ମିତ ବୋଇତ

ବ୍ୟବହାର ନ କରି କଦଳି ପାଟୁକା ଓ ଶାଳପତ୍ର ନିର୍ମିତ ଡଙ୍ଗା ବ୍ୟବହାର କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

Nayagada

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ମାନସିକ–ସାମାଜିକ ଯତ୍ନ ବୃଦ୍ଧି ବିଷୟବସ୍ତୁକୁ ନେଇ ନୟାଗଡ଼ ଜିଲ୍ଲା ପରିଷଦ ପରିସରସ୍ଥିତ ଡି.ପି.ଆର୍.ସି. ପ୍ରଶିକ୍ଷଣ ଗୃହରେ ତିନିଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସମୟରେ ମାନସିକ ଓ ସାମାଜିକ ସହାୟତା ପ୍ରଦାନ ସହ ତୃଣମୂଳସ୍ତରରେ ସମୁଦାୟିକ ସ୍ଥିରତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ତାଲିମ ପ୍ରଦାନ କରାଯାଇଛି । ବିପର୍ଯ୍ୟୟ ଯୋଗୁଁ ଶାରୀରିକ ଓ ଆର୍ଥିକ କ୍ଷତି ସହ ଲୋକମାନେ ଭୟ, ଚିନ୍ତା ଓ ଭାବପ୍ରବଣ ଚାପଭଳି ବିଭିନ୍ନ ମାନସିକ ଆହ୍ୱାନର ସମ୍ମୁଖୀନ ହେଉଥିବାରୁ ଏଭଳି ସହାୟତାର ଆବଶ୍ୟକତା ଉପରେ ତାଲିମରେ ଗୁରୁତ୍ୱ ଦିଆଯାଇଥିଲା ।

Desk

## ନବରାତ୍ରି

ଶାରଦୀୟ ନବରାତ୍ରରେ ନଅଦିନ ଧରି ମା’ ଦୁର୍ଗା ଏବଂ ତାଙ୍କର ୯ଟି ଭିନ୍ନସ୍ୱରୂପକୁ ବିଧିବିଧାନ ସହକାରେ ପୂଜା କରାଯିବାର ପରମ୍ପରା ରହିଛି । ଆଜି ମା’ଙ୍କ ତୃତୀୟ ସ୍ୱରୂପ ମା’ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଉଛି ।

ବ୍ରତଧାରୀମାନେ ନିଷ୍ଠାର ସହ ମା'ଙ୍କୁ ଉପାସନା କରୁଛନ୍ତି। ମା'ଙ୍କ ମସ୍ତକରେ ଶୋଭା ପାଉଥିବା ଅର୍ଦ୍ଧଚନ୍ଦ୍ର ଘଣ୍ଟା ଆକୃତିର ହୋଇଥିବାରୁ ମା'ଙ୍କୁ ଚନ୍ଦ୍ରଘଣ୍ଟା କୁହାଯାଏ । ଦଶଭୁଜା ମାଆ ବ୍ୟାଘ୍ର ଉପରେ ବିରାଜମାନ କରିଥାନ୍ତି । ମା'ଙ୍କ ଦିବ୍ୟ ସ୍ୱରୂପ' ଶକ୍ତି, ସାହସ, ନିର୍ଭୀକତା ଓ ଶାନ୍ତିର ପ୍ରତୀକ । ପରମ୍ପରା ଅନୁସାରେ, ମାଆ ପାର୍ବତୀ ଭଗବାନ ଶିବଙ୍କୁ ବିବାହ କରିବା ପରେ ଚନ୍ଦ୍ରଘଣ୍ଟା ରୂପ ଧାରଣ କରିଥିଲେ ବୋଲି ବିଶ୍ୱାସ ରହିଛି । ତାଙ୍କର ଘଣ୍ଟନାଦ ଦୁଷ୍ଟଶକ୍ତିକୁ ଦୂର କରିବା ଏବଂ ଭକ୍ତଙ୍କୁ ନିର୍ଭୟତା ପ୍ରଦାନ କରିଥାଏ ।

Nayagada

## ମଣିନାଗ ପୀଠରେ ନବରାତ୍ର

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ନୟାଗଡ଼ ଜିଲ୍ଲା ରଣପୁରସ୍ଥିତ ମା' ମଣିନାଗଙ୍କ ପୀଠରେ ନବରାତ୍ର ଉପଲକ୍ଷେ ସ୍ୱତନ୍ତ୍ର ପୂଜାନୀତି ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ମା'ଙ୍କ ଷୋଡ଼ଶ ପୂଜା ଅବସରରେ ପୀଠରେ ପ୍ରତିଦିନ ବିଭିନ୍ନ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ନବରାତ୍ରର ଆଜି ତୃତୀୟ ଦିବସରେ ମା' ମଣିନାଗ ଚନ୍ଦ୍ରଘଣ୍ଟା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ପୂଜକମାନେ ପାରମ୍ପରିକ ବିଧିବିଧାନ ଅନୁସାରେ, ମା'ଙ୍କ ନିତ୍ୟକର୍ମ, ଆରାଧନା ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପାଦନ କରୁଛନ୍ତି।

Desk

## ଦୁର୍ଗାପୂଜା କଟକଣା

ଭୁବନେଶ୍ୱରରେ ଦୁର୍ଗାପୂଜା ପାଇଁ ଟ୍ରାଫିକ କଟକଣା ଜାରି କରାଯାଇଛି। ଆସନ୍ତା ୧୬ ତାରିଖ ଶୁକ୍ରବାରରୁ ୨୧ ତାରିଖ ବୁଧବାର ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ରାତି ୨ଟା ପର୍ଯ୍ୟନ୍ତ ଯାତାୟାତ ଉପରେ ଉପରେ କଟକଣା ଲାଗୁ କରାଯାଇଛି। ରସୁଲଗଡ଼ ଛକରୁ ଲିଙ୍ଗିପୁର, ବାଣୀବିହାର ଓ ଶିଶୁଭବନ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରିପାରିବ ନାହିଁ। ସେହିପରି ଖୋର୍ଦ୍ଧାଆଡୁ କଟକ ଆସୁଥିବା ସମସ୍ତ ଭାରିଯାନ ଏହି ସମୟ ମଧ୍ୟରେ ଜାତୀୟ ରାଜପଥରେ ଭୁବନେଶ୍ୱରକୁ ପ୍ରବେଶ ନିଷେଧ କରାଯାଇଛି। ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜରିମାନା ଦେବାକୁ ପଡ଼ିବ ବୋଲି ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି।

Subarnpur

## ଫୁଟବଲ ଚାମ୍ପିଅନସିପ୍

ସୁବର୍ଣ୍ଣପୁରଠାରେ ବିଦ୍ୟାଳୟସ୍ତରର ପ୍ରଥମ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଫୁଟବଲ ଚାମ୍ପିଅନସିପକୁ ଗାନ୍ଧୀ ଷ୍ଟାଡିୟମ୍‌ରେ ବିଧାୟକ ରଘୁନାଥ ଜଗଦଲା ଓ ଖ୍ୟାତନାମା ଆଥଲେଟ ଦୂତୀ ଚାନ୍ଦ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବିଦ୍ୟାଳୟ ସମୂହ ଜୁନିୟର ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ ୩୨ଟି ଶିକ୍ଷା ଜିଲ୍ଲାରୁ ବାଳକ ଦଳ ଅଂଶଗ୍ରହଣ କରିଛନ୍ତି।

Malkangiri

## ପୋଷଣ ମାସ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନବମ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ପୋଷଣଯୁକ୍ତ ଖାଦ୍ୟ ସାମଗ୍ରୀ ଓ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନୀ କରାଯାଇଥିଲା।